## ସଂକ୍ଷେପରେ

### ବାଇକ୍ ଚୋରି ଅଭିଯୋଗରେ ଜଣେ ଗିରଫ



ଜୟପୁର, ୨୨।୨ (ନି.ପ୍ର.)- ବାଇକ୍ ଚୋରି ଅଭିଯୋଗରେ ଟାଉନଥାନା ପୋଲିସ ବୁଧବାର ଜଣକୁ ଗରଫ କରିଛି। ସେ ହେଲେ ଖ୍ରୀଷ୍ଟିଆନପେଟାର ରୋହିତ ମେହେର (୨୦)। ରୋହିତ ଜୟପୁର ପଞ୍ଚବଟି ନଗରର ଚିତିସ କନ୍ଦପାନଙ୍କ ବାଇକ୍ ଚୋରି କରିଥିଲେ। ଏନେଇ ଟାଉନ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତି କରି ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଏଥିରେ ରୋହିତ ସମ୍ପୃକ୍ତ ଥିବା ଜାଣିବା ପରେ ତାଙ୍କୁ ଗିରଫ କରିଥିଲା। ତାଙ୍କଠାରୁ ଚୋରି ବାଇକ୍ ଜବତ ହୋଇଛି। ଗିରଫ ପରେ ତାଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ସମ୍ବିତ ବେହେରା କହିଛନ୍ତି।

### ବ୍ଲକସ୍ତରୀୟ ପରାମର୍ଶ ଶିବିର

ଜୟପୁର, ୨୨।୨ (ନି.ପ୍ର.)- ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ, ଜିଲା ପ୍ରଶାସନ ଓ କୋରାପୁଟ ପଞ୍ଚାୟତ ସମିତି ପକ୍ଷରୁ ବ୍ଲକସ୍ତରୀୟ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଜୟପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଶିବରରେ ବ୍ଲକ ଅଧକ୍ଷା ତିଲୋତ୍ତମା ମୁଦୁଲି, ବିଡିଓ ରାଜୀବ ଦାସ, ଏବିଡିଓ ମନୋଜ ନାୟକ ଯୋଗ ଦେଇଥିଲେ। ଜୟପୁରର ୨୨ଟି ପଞ୍ଚାୟତରୁ ୨୦୬ ଜଣ ନାମ ପଞ୍ଜୀକରଣ କରିଥିଲେ। ଆଗାମୀ ଦିନରେ ପ୍ରାର୍ଥୀମାନଙ୍କୁ ଯୋଗ୍ୟତା ଅନୁସାରେ ୬ଟି ଅନୁଷ୍ଠାନ ପକ୍ଷରୁ ନିଯୁକ୍ତିଭିତ୍ତିକ ତାଲିମ ପ୍ରଦାନ କରାଯିବ।

### ଖବରଦାତାଙ୍କୁ ଉପେକ୍ଷାର ପ୍ରତିବାଦ

#### ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର

ନନ୍ଦପୁର, ୨୨।୨- ଖବରଦାତାମାନଙ୍କୁ ବିଧାନସଭାରୁ ଜିଲା ଓ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଅଣଦେଖା କରାଯାଉଛି। ରାଜ୍ୟରେ ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମ ଖବରଦାତାଙ୍କୁ ଅଣଦେଖା କରାଯାଇଥିଲା। ଏହାର ପ୍ରତିବାଦରେ ରାଜ୍ୟ ତଥା ଜିଲା ସାମ୍ବାଦିକ ସଂଘ ନନ୍ଦପୁର ବ୍ଲକ ବିଡିଓଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରଛନ୍ତି। ଦାବି ପତ୍ରରେ ଖବରଦାତାଙ୍କ ପ୍ରତି ରାଜ୍ୟ ସରକାର, ଜିଲା ଓ ବ୍ଲକ ପ୍ରଶାସନର ଏତାଦୃଶ କାର୍ଯ୍ୟ ଗଣତନ୍ତ୍ରର କଣ୍ଠରୋଧ ବୋଲି କୁହାଯାଇଛି। ବିଡିଓ ସୁଜିତ ମିଶ୍ର ଦାବିପତ୍ର ଗ୍ରହଣ କରି ଏହାକୁ ରାଜ୍ୟପାଳଙ୍କ କାର୍ଯ୍ୟାଳୟକୁ ପ୍ରେରଣ କରିବେ ବୋଲି କହିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ବ୍ଲକରେ କାର୍ଯ୍ୟରତ ଖବରଦାତା ତୁଷାରକାନ୍ତ ମହାନ୍ତି, ତ୍ରିନାଥ ଖରା, ହରେଶ ଖିଲ, ସୁରଜିତ ବିଶାଳ, ଶଙ୍କର ପୂଜାରୀ, ସାମୁଏଲ ଖେମୁଣ୍ଡୁ, ପ୍ରଣୟ ପ୍ରସାଦ ପଟ୍ଟନାୟକ, ଜଗତ ଜୀବନ କଟିମ ପ୍ରମୁଖ ଉପସ୍ଥିତ ଥିଲେ।

### ୨୭୯ ଦିବ୍ୟାଙ୍ଗଙ୍କୁ ନେଇ ଦକ୍ଷତା ବିକାଶ ମେଳା

କୋରାପୁଟ,୨୨।୨(ସ୍ୱ.ପ୍ର.)-କୋରାପୁଟ ଜିଲା ଭିନକ୍ଷମ ପୁନର୍ବାସ କେନ୍ଦ୍ରଠାରେ ବୁଧବାର ଦକ୍ଷତା ବିକାଶ ଓ ନିଯୁକ୍ତି ପରାମର୍ଶ ମେଳା ଅନୁଷ୍ଠିତ ହୋଇଯାଇଛି । ଦିବ୍ୟାଙ୍ଗ ଭଉଣୀଭାଇମାନଙ୍କୁ ଧନ୍ଦାମୂଳକ ତାଲିମ ପ୍ରଦାନ କରାଯିବା ଏବଂ ସେମାନେ କିଭଳି ଭବିଷ୍ୟତରେ ସ୍ୱାବଲମ୍ବୀ ହୋଇପାରିବେ ସେହି ଲକ୍ଷ୍ୟ ଏହି ମେଳା ଆୟୋଜିତ ହୋଇଥିଲା। ଏହି ଅବସରରେ ଦିବ୍ୟାଙ୍ଗ ଭଉଣୀଭାଇଙ୍କ ତାଲିକା ପ୍ରସ୍ତୁତ କରାଯାଇଥିଲା । ପରବର୍ତ୍ତୀ ସମୟରେ ସେମାନଙ୍କୁ ବିଭିନ୍ନ ଅନୁଷ୍ଠାନରେ ତାଲିମ ପ୍ରଦାନ ଲାଗି ପଠାଯିବ। ମେଳାରେ କୋରାପୁଟ ଜିଲାର ସମସ୍ତ ବ୍ଲକ ଏବଂ ପୌର ପରିଷଦରୁ ୨୭୯ ଜଣ ଦିବ୍ୟାଙ୍ଗ ଭଉଣୀଭାଇ ଅଂଶଗ୍ରହଣ କରିଥିଲେ। ମେଳାରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝି ଯୋଗଦେଇ ଦିବ୍ୟାଙ୍ଗଜନଙ୍କୁ ବିଭିନ୍ନ ପ୍ରକାର ଧନ୍ଦାମୂଳକ ତାଲିମରେ ଭାଗନେବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ରୂପେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୀମାଞ୍ଚଳ ମହାପାତ୍ର, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଦିଲୀପ ହିଆଲ, ସହାୟକ ତାଲିମ ଅଧିକାରୀ ବିପିନ ବିହାରୀ ଗୌଡ଼, ଜଟଣୀର ସ୍ୱତନ୍ତ୍ର ବୈଷୟିକ ଶିକ୍ଷା ତାଲିମ କେନ୍ଦ୍ରର ଐଶ୍ୱର୍ଯ୍ୟା ନନ୍ଦିତା, ଭୁବନେଶ୍ୱର ଦକ୍ଷତା ବିକାଶ କେନ୍ଦ୍ରର ସଙ୍ଗୀତା ବେହେରା, ଭୁବନେଶ୍ୱର ଡ. ରେଡ୍ଡି ଫାଉଣ୍ଡେଶନର ଅନସୂୟା ସାହୁ, ଖୋର୍ଦ୍ଧା ସ୍ଥିତ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟରୁ ଅଧିକାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ କୋରାପୁଟ ଜିଲା ଭିନକ୍ଷମ ପୁନର୍ବାସ କେନ୍ଦ୍ରର ପ୍ରେମଦାନୀ କିଣ୍ଡୋ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଜଗନ୍ନାଥ ନାୟକ, କନିଷ୍ଠ ସହାୟକ ଏବଂ ସାମାଜିକ ସୁରକ୍ଷା ବିଭାଗର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ବି.ଏଡ୍ କଲେଜ କାର୍ଯ୍ୟକ୍ଷମ ନ ହେଲେ ମନ୍ତ୍ରୀଙ୍କୁ ଜିଲା ମନା

- ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ମାଲକାନଗିରି ଗସ୍ତ
- କଳା ପତାକା ଦେଖାଇ ପ୍ରତିବାଦ ଜଣାଇଲା ଯୁବ କଂଗ୍ରେସ

ମାଲକାନଗିରି,୨୨।୨ (ଡି.ଏନ.ଏ.)



ମନ୍ତ୍ରୀଙ୍କ ଗସ୍ତ ସମୟରେ କଂଗ୍ରେସ ପକ୍ଷରୁ କଳାପତାକା ପ୍ରଦର୍ଶନ କରାଯାଉଛି ।

ମାଲକାନଗିରି ଜିଲା ସଦର ମହକୁମାସ୍ଥିତ କଳା ଓ ବାଣିଜ୍ୟ ମହାବିଦ୍ୟାଳୟରେ ବୁଧବାର ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୁଜାରୀ ଯୋଗ ଦେଇଥିଲେ। ସେ ଏକ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ବିଏସ୍ଏଫ୍ କ୍ୟାମ୍ପଠାରେ ପହଞ୍ଚି ସେଠାରୁ କାର ଯୋଗେ ସର୍କିଟ ହାଉସ୍‌ରେ ପହଞ୍ଚିଥିଲେ। ସର୍କିଟ ହାଉସ ଆସୁଥିବା ବେଳେ ଯୁବ କଂଗ୍ରେସ ପକ୍ଷରୁ କର୍ମକର୍ତ୍ତାମାନେ ମନ୍ତ୍ରୀଙ୍କୁ କଳା ପତାକା ଦେଖାଇଥିଲେ। ଘଟଣାକୁ ନେଇ ବିଜେଡି କୌଣସି ପ୍ରତିକ୍ରିୟା ରଖି ନ ଥିବା ବେଳେ ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ଇଶାକ ଖୋସଲା ନିଜ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, ମାଲକାନଗିରି ଜିଲାରେ ୫୦ରୁ ଉର୍ଦ୍ଧ୍ୱ ମହାବିଦ୍ୟାଳୟକୁ ଏପର୍ଯ୍ୟନ୍ତ ସରକାରୀ ମାନ୍ୟତା ମିଳିନାହିଁ। କେବଳ ସରକାରୀ ଜୁନିୟର କଲେଜ ସରକାରୀ ମାନ୍ୟତା ପାଇଛି। ୮ବର୍ଷରୁ ଉର୍ଦ୍ଧ୍ୱ ହେଲା ଜିଲାରେ ବି.ଇଡି କଲେଜ ନିର୍ମାଣ ସରିଥିଲେ ମଧ ଏହାକୁ କାର୍ଯ୍ୟକ୍ଷମ କରାଯାଉନାହିଁ। ଏନେଇ ମନ୍ତ୍ରୀ ଅବଗତ ଅଛନ୍ତି କି ନାହିଁ ବୋଲି କଂଗ୍ରେସ ପ୍ରଶ୍ନ ଉଠାଇଛି। ବିକ୍ରମଦେବ କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ମିଳିଥିବା ବେଳେ ମାଲକାନଗିରି ଭଳି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଛାତ୍ରୀଛାତ୍ରଙ୍କ ଶିକ୍ଷା ଭବିଷ୍ୟତକୁ ଅନ୍ଧାରରେ ଠେଲି ଦିଆଯାଇଛି ବୋଲି ଅଭିଯୋଗ କରି ରାଜ୍ୟ ସରକାର ତୁରନ୍ତ ମାଲକାନଗିରି କଲେଜକୁ ସରକାରୀ ମାନ୍ୟତା ଦେବା ସହ ତୁରନ୍ତ ବି.ଇଡି କଲେଜକୁ କାର୍ଯ୍ୟକ୍ଷମ କରିବାକୁ କଂଗ୍ରେସ ଦାବି କରିଛି। ନ ହେଲେ ଆଗାମୀ ଦିନରେ କୌଣସି ମନ୍ତ୍ରୀଙ୍କୁ ମାଲକାନଗିରିରେ ପ୍ରବେଶ କରାଇ ଦେବୁନାହିଁ ବୋଲି କଂଗ୍ରେସ ଚେତାବନୀ ଦେଇଛି। ପରେ ମନ୍ତ୍ରୀ କଲେଜ ବାର୍ଷିକ ଉତ୍ସବରେ ଯୋଗ ଦେଇଥିଲେ। ଅଧକ୍ଷ ଅଶୋକ ଷଡଙ୍ଗୀଙ୍କ ସଭାପତିତ୍ୱରେ ହୋଇଥିବା ଏହି ଉତ୍ସବରେ ମୁଖ୍ୟବକ୍ତା ରୂପେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝୀ, ସମ୍ମାନିତ ଅତିଥି ପୂର୍ବତନ ବିଧାକ ମାନସ ମାଡକାମୀ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସ୍ୱତନ୍ତ୍ର ବିକାଶ ପରିଷଦ ଉପଦେଷ୍ଟା ପ୍ରଦୀପ ମାଝୀ, ଜିଲା ପରିଷଦ ଅଧକ୍ଷା ସମାରୀ ଟାଙ୍ଗୁଲ, ଜିଲା ପରିଷଦ ଉପାଧକ୍ଷ ପତିତପାବନ ବୈଦ୍ୟ, ପୌର ଅଧକ୍ଷ ମନୋଜ ବାରିକ, ଅତିରିକ୍ତ ଜିଲାପାଳ ତ୍ରିନାଥ ମାଝୀ, ମହାବିଦ୍ୟାଳୟର ସମସ୍ତ ଅଧାପିକା ଅଧାପକ, ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ଏହି ଅବସରରେ ମନ୍ତ୍ରୀ ପୁଜାରୀ କଲେଜର ଉନ୍ନତି ପାଇଁ ୧ କୋଟି ୫୦ ଲକ୍ଷ ଟଙ୍କାର ଅନୁଦାନ ଘୋଷଣା କରିଥିଲେ। ଏମ୍‌ପି ମାଝୀ ମଧ ୫ ଲକ୍ଷ ଟଙ୍କାର ଅନୁଦାନ ଘୋଷଣା କରଥିଲେ।

# କୋଟିଆ ପୋଲିସ ପକ୍ଷରୁ ଜନସମ୍ପର୍କ ଶିବିର

ପଟ୍ଟାଙ୍ଗି, ୨୨।୨(ଡି.ଏନ୍.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଅଧୀନ କୋଟିଆ ପଞ୍ଚାୟତ କାର୍ଯ୍ୟାଳୟ ମାଡକାରଠାରେ ପୋଲିସ ପକ୍ଷରୁ ଏକ ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। ଏସ୍‌ପି ଅଭିନବ ସୋନକାରଙ୍କ ନିର୍ଦ୍ଦେଶରେ କୋଟିଆ ଥାନାଧିକାରୀ କପିଳେଶ୍ୱର ବେହେରାଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ଟିକାଇ ଗେମେଲ, ଅନ୍ୟତମ ଅତିଥି ରୂପେ ଆଇଆର୍‌ବିଏନ୍‌ର ଡେପୁଟି ସୁବେଦାର ବଳରାମ ପ୍ରଧାନ ଉପସ୍ଥିତ ଥିଲେ। ସୀମାନ୍ତ ପଞ୍ଚାୟତବାସୀଙ୍କୁ ସରକାରଙ୍କ ଯୋଜନା ସମ୍ପର୍କରେ ଅବଗତ କରାଯାଇଥିଲା। ଅନୁଷ୍ଠିତ ସ୍ୱାସ୍ଥ୍ୟସେବା ଶିବିରରେ କୋଟିଆ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଆସିଥିବା ଜନସାଧାରଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। କୋଟିଆ,

#### ଭଲିବଲ ଟୁର୍ନାମେଣ୍ଟ: କୋଟିଆ ବିଜୟୀ

ଜାନିଗୁଡ଼ା, ଗଞ୍ଜେଇପଦର, ବରାବନ୍ଧ, ଟାଉପଦର, ମାତାଲାମ୍ବ, ରଣସିଂ ଏବଂ ଗୁମେଲପଦର ପଞ୍ଚାୟତକୁ ନେଇ ଏକ ଭଲିବଲ ଟୁର୍ନାମେଣ୍ଟ ହୋଇଥିଲା। ଏଥିରେ କୋଟିଆ ବିଜୟୀ ହୋଇଥିବା ବେଳେ ତଳ ଗଞ୍ଜେଇପଦର ରନର୍ସ ଅପ୍ ହୋଇଥିଲା। କାର୍ଯ୍ୟକ୍ରମରେ ପଞ୍ଚାୟତର ଆଶ୍ରମ ବିଦ୍ୟାଳୟ ଏବଂ ଅନ୍ୟ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ପାଠ୍ୟୋପକରଣ ଓ ବୃଦ୍ଧାବୃଦ୍ଧଙ୍କୁ ଶୀତବସ୍ତ୍ର ପ୍ରଦାନ କରାଯାଇଥିଲା। ଗ୍ରାମାଞ୍ଚଳର ଯୁବପିଢ଼ିଙ୍କୁ ଖେଳ ସାମଗ୍ରୀ ଓ ବାଦ୍ୟଯନ୍ତ୍ର ବଣ୍ଟନ କରାଯାଇଥିଲା। ଏସ୍ଆଇ ବିଷ୍ଣୁ ପ୍ରସାଦ ଦାସ ଏବଂ ଏସ୍ଆଇ ଶରତ ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କୋରାପୁଟ ଜିଲା ସାମ୍ବାଦିକ ସଂଘ ପକ୍ଷରୁ ଦାବିପତ୍ର



ଖବରଦାତାମାନେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ଦାବିପତ୍ର ଦେଉଛନ୍ତି।

#### ବିଭିନ୍ନ କାର୍ଯ୍ୟକ୍ରମରେ ଖବରଦାତାଙ୍କୁ ଅଣଦେଖା ଅଭିଯୋଗ

କୋରାପୁଟ/ଜୟପୁର, ୨୨।୨(ସ୍ୱ.ପ୍ର./ନି.ପ୍ର.)

କୋରାପୁଟ ଜିଲା ସାମ୍ବାଦିକ ସଂଘ ପକ୍ଷରୁ ବୁଧବାର ଜୟପୁର ଉପଜିଲାପାଳଙ୍କ ବେଦବର ପ୍ରଧାନଙ୍କ ଜରିଆରେ ରାଜ୍ୟପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ରାଜ୍ୟରେ କ୍ରମାଗତ ଭାବେ ଗଣମାଧମ ପ୍ରତିନିଧିମାନଙ୍କୁ ଅଣଦେଖା କରାଯାଉଥିବା ନେଇ ଏଥିରେ ଅଭିଯୋଗ କରାଯାଇଛି। ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ ସମୟରେ ଯେଭଳି ଖବରଦାତାମାନଙ୍କୁ ଖବର ସଂଗ୍ରହ କ୍ଷେତ୍ରରେ ବାରଣ କରାଗଲା ତାହାକୁ ସଂଘ ପ୍ରତିବାଦ କରି ନିନ୍ଦା କରିଛି। ମଙ୍ଗଳବାର ବିଧାନସଭା ପରିସରରେ ଗଣମାଧମକୁ ଦଉଡ଼ି ଦ୍ୱାରା ଅଟକ ରଖିବା ଘଟଣା ନିନ୍ଦନୀୟ ବୋଲି ସଂଘ ଦାବିପତ୍ରରେ ଉଲ୍ଲେଖ କରିଛି। କେବଳ କୋରାପୁଟ ନୁହେଁ, ଜୟପୁରରେ ମଧ ପୌରପାଳିକା ବୈଠକକୁ ଗଣମାଧମକୁ ଖବର ସଂଗ୍ରହରେ ବାରଣ କରାଯାଇଥିଲା। ଏହା ଗଣତାନ୍ତ୍ରିକ ଶାସନତନ୍ତ୍ରର ପରିପନ୍ଥୀ ବୋଲି ଅଭିଯୋଗକରି ସଂଘ ଏହାର ପ୍ରତିକାର ନେଇ ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରିଛି । ଓୟୁଜେ ଅନୁବନ୍ଧିତ ଜିଲା ସଂଘର ଏହି ଦାବିପତ୍ରକୁ ଉପଜିଲାପାଳଙ୍କ ଅନୁପସ୍ଥିତିରେ ସହକାରୀ ଜିଲାପାଳ ବାଲାଜୀ ପ୍ରସାଦ ବ୍ରହ୍ମା ଗ୍ରହଣ କରିଥିଲେ। ଦାବିପତ୍ର ପ୍ରଦାନ ବେଳେ ସଂଘ ସାଧାରଣ ସମ୍ପାଦକ ରାଜେନ୍ଦ୍ର ଗୌଡ଼, କଲ୍ୟାଣ ବୋର୍ଡ ଅଧକ୍ଷ ଟି.ଗୋରୀ ଶଙ୍କର, ସହ ସମ୍ପାଦକ ସୁବ୍ରତ ମହାନ୍ତି, ଜ୍ଞାନଚାନ୍ଦ ଜଗନ୍ନାଥ, ରବି ନାୟକ, ଗଜେନ୍ଦ୍ର ସାହୁ, ହେମନ୍ତ ପାଣିଗ୍ରାହୀ, ଚନ୍ଦ୍ରକାନ୍ତ ସୂତାର, ସନ୍ତୋଷ ପାତ୍ର, ମନୋଜ ଦାସ, ହରିଶ ବେହେରା, ପ୍ରଶାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ମାତୃଭାଷା ମୁକ୍ତିର ଅମୂଲ୍ୟ ସମ୍ପଦ

#### ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଆନ୍ତର୍ଜାତିକ ମାତୃଭାଷା ଦିବସ

କୋରାପୁଟ,୨୨।୨(ସ୍ୱ.ପ୍ର. )

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପରିସରରେ ଓଡିଆ ବିଭଗ ପକ୍ଷରୁ ବୁଧବାର ଆନ୍ତର୍ଜାତିକେ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଉତ୍କଳ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ସନ୍ତୋଷ ତ୍ରିପାଠୀ ମୁଖ୍ୟବକ୍ତା ଭାବରେ ଯୋଗଦେଇ 'ମାତୃଭାଷା: ସାଂସ୍କୃତିକ ବିକାଶର ମୂଳ ଉତ୍ସ' ଶୀର୍ଷକ ଏକ ଆଲୋଚନାଚକ୍ରରେ ନିଜ ବକ୍ତୃତା ପ୍ରଦାନ କରିଥିଲେ। ସେ ସମଗ୍ର ବିଶ୍ୱରେ ସାଂସ୍କୃତିକ ବିକାଶରେ ମାତୃଭାଷାର ଭୂମିକା ଉପରେ ଆଲୋକପାତ କରିଥିଲେ । ସେ କହିଥିଲେ, ସମ୍ପ୍ରତି ନୂତନ ଶିକ୍ଷାନୀତି ୨୦୨୦ରେ ଭାରତ ସରକାର ଶିକ୍ଷା କ୍ଷେତ୍ରରେ ମାତୃଭାଷାକୁ ଗୁରୁତ୍ୱ ଦେଉଛନ୍ତି। ଏହି ଅବସରରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ବିଶ୍ୱବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ଅଧାପିକାଅଧାପକ ଓ କର୍ମଚାରୀଙ୍କୁ ମାତୃଭାଷା ଦିବସର ଶୁଭକାମନା ଜଣାଇଥିଲେ। ଓଡିଆ ବିଭାଗର ଭାରପ୍ରାପ୍ତ ମୁଖ୍ୟ ପ୍ରଦୋଷ ସାଇଁ ସ୍ୱାଗତ ସୂଚନା ଦେଇଥିଲେ। ଏହି ଅବସରରେ ସେ ମାତୃଭାଷା ଦିବସ ପାଳନରେ ଗୁରୁତ୍ୱ ଓ ଲକ୍ଷ୍ୟ ସମ୍ପର୍କରେ ମତ ରଖିଥିଲେ। ଅନୁବାଦ ମଧ ମାତୃଭାଷା ପ୍ରୀତିର ଏକ ବଳିଷ୍ଠ ନିଦର୍ଶନ ବୋଲି ଇଂରାଜୀ ବିଭାଗ ଭାରପ୍ରାପ୍ତ ମୁଖ୍ୟ ସଂଜୀତ ଦାସ କହିଥିଲେ। ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ ଭାରପ୍ରାପ୍ତ ମୁଖ୍ୟ ଡକ୍ଟର ସୌରଭ ଗୁପ୍ତା ପତ୍ରକାରିତା ଓ ନାଟକ ମଞ୍ଚାୟନରେ ମାତୃଭାଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ। ଓଡିଆ ବିଭାଗର ସହକାରୀ ପ୍ରାଧାପକ ଡକ୍ଟର ଆଲୋକ ବରାଳ କହିଥିଲେ, ପୂର୍ବ ପାକସ୍ଥାନର ବଙ୍ଗଭାଷୀଙ୍କ ମାତୃଭାଷା ପ୍ରୀତି ଓ ସଂଗ୍ରାମଜନିତ ବଳିଦାନ ପୃଥିବୀ ଇତିହାସରେ ବିରଳ । ବିଶ୍ୱବିଦ୍ୟାଳୟ ଜନସମ୍ପର୍କ ଅଧିକାରୀ ଡକ୍ଟର ଫଗୁନାଥ ଭୋଇ ମାତୃଭାଷାର ବ୍ୟବହାରିକ ଦିଗ ଓ ଗୁରୁତ୍ୱ ଉପରେ ମତ ରଖିଥିଲେ। ସହସଂଯୋଜକ ଡକ୍ଟର ଗଣେଶ ପ୍ରସାଦ ସାହୁ ମାତୃଭାଷା ମୁକ୍ତିର ଅମୂଲ୍ୟ ସମ୍ପଦ ଏବଂ ମାନବୀୟ ସଂହତିର ରକ୍ଷା କବଚ ବୋଲି କହିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

# ଆଇନ ସଚେତନତା ଶିବିର

ଦଶମନ୍ତପୁର,୨୨।୨(ଡି.ଏନ୍.ଏ.)

ଦଶମନ୍ତପୁର ବ୍ଲକ ଅଧୀନ ସଦର ପଞ୍ଚାୟତସ୍ଥିତ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବାଣୁଆଗୁଡ଼ାଠାରେ ବୁଧବାର ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ତାଲୁକ ଆଇନ ସେବା ପ୍ରାଧିକରଣ ଦଶମନ୍ତପୁର ପକ୍ଷରୁ ଆୟୋଜିତ ଏହି ଶିବିରରେ ସ୍ଥାନୀୟ ବିଚାର ବିଭାଗୀୟ ବିଚାରପତି ତଥା ଅଧକ୍ଷ ସୁଶାନ୍ତ କୁମାର ନାୟକ ଅଧକ୍ଷତା କରିଥିଲେ। ସ୍ଥାନୀୟ ଥାନା ଅଧିକାରୀ ଚନ୍ଦ୍ରଭାନୁ ମହାନ୍ତି, କୋର୍ଟ ସିଏସ୍ଆଇ ଭି.ଆର.ପ୍ରଦୀପ କୁମାର, ବରିଷ୍ଠ କିରାଣି ସୁଧୀର ପିନିଷ୍ଟିଙ୍କ ସମେତ ବିଦ୍ୟାଳୟର ପ୍ରତ୍ୟେକ କର୍ମଚାରୀ ଏବଂ ଶତାଧିକ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ବାଲ୍ୟ ବିବାହକୁ କିପରି ରୋକିବା ଶିବିରର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏଥିସହ ପୋକ୍‌ସୋ ଆଇନ ସମ୍ପର୍କରେ ବିଚାରପତି ପ୍ରାଞ୍ଜଳ ଭାବରେ ବୁଝାଇଥିଲେ। କୋର୍ଟରେ କନିଷ୍ଠ କିରାଣି ଗିରିଧର ମହାନ୍ତି ଏବଂ ନକୁଳ ହନ୍ତାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




# ପ୍ରସିଦ୍ଧ ବଡ଼ ଯାତ୍ରା ନେଇ ଜିଲା ପ୍ରଶାସନ ପକ୍ଷରୁ ବୈଠକ

ମାଲକାନଗିରି,୨୨।୨ (ଡି.ଏନ.ଏ.)

ଆଗାମୀ ଦିନରେ ହେବାକୁ ଯାଉଥିବା ମାଲକାନଗିରି ଜିଲାର ପ୍ରସିଦ୍ଧ ବଡଯାତ୍ରାର ସୁପରିଚାଳନା ଲାଗି ବୁଧବାର ଜିଲା ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ପ୍ରଶାସନର ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବୈଠକରେ ଉପ ଜିଲାପାଳ ଅକ୍ଷୟ ଖେମୁଣ୍ଡୁ ସଭାପତିତ୍ୱ କରିଥିଲେ। ଜିଲାର ବହୁ ବରିଷ୍ଠ ଅଧିକାରୀ, କର୍ମଚାରୀ ଓ ପୋଲିସ କର୍ମଚାରୀ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ବଡ ଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହକାରେ କରିବା ପାଇଁ ଆଲୋଚନା ହୋଇଥିଲା। ଚଳିତ ବର୍ଷ ପ୍ରଥମ ଥର ପାଇଁ ପୋଲୁରଠାରେ ଶ୍ରଦ୍ଧାଳୁଙ୍କ ପାଇଁ ବୋଟ ଯାତ୍ରା ବଦଳରେ ଭାସମାନ ପୋଲର ବ୍ୟବସ୍ଥା କରାଯାଇଛି। ଏହାସହ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରାଖି ସେମାନଙ୍କ ପଇଁ ଖାଦ୍ୟ ପାନୀୟ ଓ ଶୌଚାଳୟ ବ୍ୟବସ୍ଥର ତେବେ ଏହି ବଡ ଯାତ୍ରା ପାଇଁ ପୋଲୁର ଠାରୁ ୨୭ ତାରିଖରେ ଠାକୁର ମାନଙ୍କୁ ନୌକା ଯାତ୍ରାରେ ଆଣିବା ପରେ ଆସନ୍ତା ୪ ତାରିଖରେ ମାଲକାନଗିରି ସଦର ମହକୁମାରେ ପହଞ୍ଚିବା ପରେ ଭକ୍ତଙ୍କ ସମାଗମ ପାଇଁ ଏଠାରେ ଟ୍ରାଫିକ ବ୍ୟବସ୍ଥାକୁ ଦୃଷ୍ଟିରେ ରଖୀ ଯଥେଷ୍ଟ ପଦକ୍ଷେପ ନିଆଯାଇଥିବା ଏହି ବୈଠକରେ କୁହ ଯାଇଥିଲା ଏହାସହ ସମସ୍ତେ ଏହି କାର୍ଯ୍ୟକ୍ରମକୁ ସହଯୋଗ କରି ଏହାର ସୁପରିଚାଳନା କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତଙ୍କୁ ଅନୁରୋଧ କରାଯାଇଥିଲା ।



ପ୍ରଶାସନ ପକ୍ଷରୁ ଚାଲିଥିବା ବୈଠକ ।

# ମାଣ୍ଡିଆ ଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ

ଚିତ୍ରକୋଣ୍ଡା,୨୨।୨(ଡି.ଏନ୍.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ଉପାନ୍ତ ତଥା ସ୍ୱାଭିମାନ ଅଞ୍ଚଳରେ ବହୁଳ ମାତ୍ରାରେ ମାଣ୍ଡିଆ ଚାଷ ହେଉଛି। ଓଡ଼ିଶା ମିଲେଟ ମିଶନ ପ୍ରକଳ୍ପ ଆରମ୍ଭରୁ ଉକ୍ତ ଅଞ୍ଚଳରେ କମ୍ ଜମିରେ ଜୈବିକ ପ୍ରଣାଳୀରେ ହେଉଛି। ତେବେ ଅଳ୍ପ କେତେଜଣ ଚାଷୀ ଏହି କ୍ଷୁଦ୍ରଦାନା ଶସ୍ୟ ଉତ୍ପାଦନ କରି ଉପକୃତ ହେଉଥିବା ବେଳେ ଚିତ୍ରକୋଣ୍ଡା ଅଞ୍ଚଳର ଅଧିକାଂଶ ମାଣ୍ଡିଆ ଚାଷୀ ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ଏବେ ବି ଦଲାଲମାନଙ୍କ ମାଧ୍ୟମରେ ଅଞ୍ଚଳରୁ ଗାଡ଼ି ଗାଡ଼ି ମାଣ୍ଡିଆ ଜିଲାର ଅନ୍ୟ ବ୍ଲକ ତଥା ବାହାର ଜିଲାକୁ ଚାଲାଣ ହେଉଛି।

ଚିତ୍ରକୋଣ୍ଡା ବ୍ଲକର ମୋଟ ପରିବାର ସଂଖ୍ୟାର ନବେ ପ୍ରତିଶତ ମାଣ୍ଡିଆ ଚାଷ କରିଥାନ୍ତି। ମାଣ୍ଡିଆରେ ପେଯ ସେମାନଙ୍କର ଏକ ମୁଖ୍ୟ ଖାଦ୍ୟ ଥିଲା, ଯାହାକି ଏବେ ବି ଅଛି କହିଲେ ଅତ୍ୟୁକ୍ତି ହେବନି। ଚଳିତବର୍ଷ ସରକାର ମଣ୍ଡିରେ ଚାଷୀଠାରୁ ମାଣ୍ଡିଆ କିଲୋ ପ୍ରତି ୩୫.୭୮ ପଇସାରେ କିଣୁଛନ୍ତି। ବ୍ଲକର ୧୨ଟି ପଞ୍ଚାୟତ ଓଡିଶା ମିଲେଟ ମିଶନ ପରିସରରେ ଥିବା ବେଳେ ଅନ୍ୟ ୬ଟି ପଞ୍ଚାୟତ ଏଥିରୁ ବାଦ ପଡିଛି। ଅନ୍ୟପକ୍ଷରେ ମଣ୍ଡି ସପ୍ତାହରେ କେବଳ ଗୋଟିଏ ଦିନ ଖୋଲୁଛି। ଏଠାକାର ପାରମ୍ପରିକ ଆଦିବାସୀଙ୍କ ମାସର ଅଧା ଦିନ ବିଭିନ୍ନ ପର୍ବପର୍ବାଣି ଲାଗି ଅର୍ଥ ଆବଶ୍ୟକ ପଡୁଥିବାରୁ ସେମାନେ ମଣ୍ଡିକୁ ଅପେକ୍ଷା ନ କରି ବ୍ୟବସାୟୀଙ୍କୁ କମ ଦରରେ ବିକ୍ରି କରିଦେଉଛନ୍ତି। ପରିତାପର ବିଷୟ ଓଡିଶା ମିଲେଟ ଆରମ୍ଭ ହେବାଠାରୁ ଚିତ୍ରକୋଣ୍ଡା ଅଞ୍ଚଳରୁ ମାଣ୍ଡିଆ ଚାଲାଣ ବଢ଼ିବାରେ ଲାଗିଛି। ଟିଡିସିସି, ଆରଏମସି, କୃଷି ଅଧିକାରୀ ଏସବୁ ଜାଣି ମଧ ନୀରବଦ୍ରଷ୍ଟା ସାଜିଛନ୍ତି। ମାଣ୍ଡିଆର ଅଭାବୀ ବିକ୍ରି ରୋକିବା ଲାଗି ସଚେତନତା କାର୍ଯ୍ୟକ୍ରମ ସହ ସପ୍ତାହକୁ ଗୋଟିଏ ଦିନ ପରିବର୍ତ୍ତେ ଦୁଇଦିନ ମଣ୍ଡି ଖୋଲିବା ଓ ବ୍ଲକର ସମସ୍ତ ୧୮ ପଞ୍ଚାୟତକୁ ମିଲେଟ ମିଶନ ପରିସରକୁ ନେବାକୁ ସାଧାରଣରେ ଦାବି ହେଉଛି ।

# ଅନୁସୂଚିତ ଜାତି, ଜନଜାତି ସଂଘର ମିଳିତ କ୍ରିୟାନୁଷ୍ଠାନ କମିଟି ଗଠିତ

ମାଲକାନଗିରି,୨୨।୨ (ଡି.ଏନ୍.ଏ.)

ମାଲକାନଗିରି ଜିଲାର ୨୦ଟି ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିର ସଙ୍ଗଠନକୁ ନେଇ ସମାଜିକ କର୍ମୀ ପ୍ରଭାକର ହନ୍ତାଳଙ୍କ ଅଧକ୍ଷତାରେ ବୁଧବାର ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ ସଂଘ କାର୍ଯ୍ୟାଳୟରେ ଏକ ମିଳିତ କ୍ରିୟାନୁଷ୍ଠାନ କମିଟି ଗଠିତ ହୋଇଯାଇଛି। ସମ୍ବିଧାନକୁ ସୁରକ୍ଷା, ସଂରକ୍ଷଣକୁ କଡାକଡି କରିବା ଏବଂ ସାମାଜିକ ନ୍ୟାୟ ଓ ଅଧିକାର ପାଇଁ ଏହି ମିଳିତ ସଂଘ କ୍ରିୟାନୁଷ୍ଠାନ କମିଟି କାର୍ଯ୍ୟ କରିବ ବୋଲି ଆବାହକ ହନ୍ତାଳ କହିଛନ୍ତି। ଏହି ଅବସରରେ ଅନୁଷ୍ଠିତ ବୈଠକରେ ନୂଆ କର୍ମକର୍ତ୍ତା ଚୟନ କରାଯାଇଥିଲା । ସଭାପତି ଭାବେ ଜରାଶବର ମାଢ଼ି, କାର୍ଯ୍ୟକାରୀ ସଭାପତି ସୋନୁ ଅନୁଗୁ, ଉପ ସଭାପତି ବଳରାମ ଅନୁଗୁଲିଆ ଓ ସୃଷ୍ଟିଧର ହାଲଦାର, ସାଧାରଣ ସମ୍ପାଦକ ଭାବେ ହରିବନ୍ଧୁ ଗଲରି, ଯୁଗ୍ମ ସମ୍ପାଦକ ସଚିନ ଦୋରା ଓ ଯୁଧିଷ୍ଠିର ବେହେରା, କୋଷାଧକ୍ଷ ରୂପେ ତୁଳସୀରାମ ଦଳେଇଙ୍କୁ ଚୟନ କରାଯାଇଥିଲା। ରଥିକୃଷ୍ଣ ପାତ୍ର, ଘେନୁ ମୁଦୁଲି ଓ ଘନଶ୍ୟାମ ମାଡକାମିଙ୍କୁ ଉପଦେଷ୍ଟା ଭାବେ ଚୟନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଲାଛା ମୁଦୁଲି, ଶ୍ୟାମ ସୁନ୍ଦର ପଡିଆମି, ସୁନିଲ ଦୁରୁଆ, ରାମଚନ୍ଦ୍ର ଦୁରୁଆ ପ୍ରମୁଖ ଉପସ୍ଥିତଥିଲେ।



ଗଠିତ କ୍ରିୟାନୁଷ୍ଠାନ କମିଟିର ସଦସ୍ୟମାନେ ।

# ସଫଳତାଠାରୁ ଦୂରରେ ଇକୋ ରିଟ୍ରିଟ୍

- ଧାର୍ଯ୍ୟ ମୂଲ୍ୟ ତୁଳନାରେ ସନ୍ତୋଷଜନକ ସେବା ମିଳୁନି
- ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ରହିଛି ନଗଣ୍ୟ
- ଅବ୍ୟବସ୍ଥା ପାଇଁ ସମାଲୋଚିତ ହୋଇଥିଲା ପର୍ଯ୍ୟଟନ ବିଭାଗ

ସେମିଳିଗୁଡ଼ା/ସୁନାବେଡ଼ା, ୨୨।୨(ସ୍ୱ.ପ୍ର.)




ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ହୋଇଥିବା ଇକୋ ରିଟ୍ରିଟ୍ ।

ସର୍ବଦା ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ହୋଇ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି କୋରାପୁଟ ଜିଲା ସେମିଳିଗୁଡ଼ା ବ୍ଲକ ଅନ୍ତର୍ଗତ ଦୁଧାରୀ ପଞ୍ଚାୟତର ପୁଟସିଲି ଓ ଫୁଲବନ୍ଧ ମଧ୍ୟରେ ଥିବା ପର୍ବତ ଗିର୍ଲିମାଳି। ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ ଦୃଷ୍ଟିରୁ ଓଡ଼ିଶା ସରକାର ଏହାକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେଇଥିଲେ। ଏଠାକୁ ବିଦେଶୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଲାଗି ଇକୋ ଟୁରିଜମ୍ ମାଧ୍ୟମରେ ଇକୋ ରିଟ୍ରିଟ୍ ଗଢ଼ିଥିଲେ। ଏଥିଲାଗି ପର୍ଯ୍ୟଟନ ବିଭାଗ ବହୁ ଅର୍ଥ ଖର୍ଚ୍ଚ କରିଥିଲା। ତେବେ ୨୦୨୧ରେ ରାଜସ୍ଥାନର ସନ୍‌ସେଟ୍ ଡେଜାର୍ଟ ନାମକ ସଂସ୍ଥା ଏହାର ପରିଚାଳନା ଦାୟିତ୍ୱ ନେଇଥିଲା। ଅନ୍‌ଲାଇନ୍ ମାଧ୍ୟମରେ ବହୁ ପର୍ଯ୍ୟଟକ ଏଠାରେ ରାତ୍ରିଯାପନ ପାଇଁ ଅଗ୍ରିମ ପଞ୍ଜୀକରଣ କରୁଥିଲେ। ମାତ୍ର ସମ୍ପୃକ୍ତ ସଂସ୍ଥା ସେମାନଙ୍କୁ ସେବା ଯୋଗାଇବାରେ ଫେଲ୍ ମାରୁଥିଲା। ଫଳରେ ପର୍ଯ୍ୟଟନ ବିଭାଗକୁ ବିଭିନ୍ନ ମହଲରୁ ସମାଲୋଚନାର ଶିକାର ହେବାକୁ ପଡୁଥିଲା। ଧାର୍ଯ୍ୟ ମୂଲ୍ୟ ତୁଳନାରେ ସେପରି ସନ୍ତୋଷଜନକ ସେବା ପର୍ଯ୍ୟଟକଙ୍କୁ ମିଳୁ ନ ଥିଲା। ଗତବର୍ଷ ସରକାର ସମ୍ପୃକ୍ତ ସଂସ୍ଥାକୁ ହଟାଇ ଦିଲ୍ଲୀର ବାଲାଜୀ ଏକ୍‌ଜିମ୍ ନାମକ ଏକ ସଂସ୍ଥାକୁ ଦାୟିତ୍ୱ ଦେଇଥିଲେ। ଏହି ସଂସ୍ଥା ଦାୟିତ୍ୱ ନେବା ପରେ ସମସ୍ତ କଟେଜ୍ ବୁକିଂ ହୋଇ ଆଶାନୁରୂପ ବ୍ୟବସାୟ ହୋଇଥିଲା। ବ୍ୟବସାୟରେ ମଧ ଉନ୍ନତି ଘଟିଥିବା ଦାୟିତ୍ୱରେ ଥିବା ଅଧିକାରୀ ପ୍ରକାଶ କରିଥିଲେ। ଏଠାରେ ମୋଟ ୨୫ଟି କଟେଜ୍ ରହିଛି। ସେଥିରୁ ୨୦ ଡିଲକ୍ସ କଟେଜ ଓ ୫ଟି ପ୍ରିମିୟମ କଟେଜ। ତେବେ ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶରୁ ଅଧିକାଂଶ ପର୍ଯ୍ୟଟକ ଆସୁଥିବା ବେଳେ ଦିଲ୍ଲୀର ପର୍ଯ୍ୟଟକଙ୍କ ସଂଖ୍ୟା ସ୍ୱଳ୍ପ ରହିଛି। ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ନଗଣ୍ୟ ବୋଲି ଦାୟିତ୍ୱରେ ଥିବା ଅଧିକାରୀ କହିଛନ୍ତି। ଅନ୍ୟପକ୍ଷରେ ସରକାର ବିଦେଶୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଏବଂ ରାଜ୍ୟ ପର୍ଯ୍ୟଟନ ସ୍ଥଳଗୁଡ଼ିକର ପ୍ରଚାର ପ୍ରସାର ପାଇଁ ଏହି ଇକୋ ରିଟ୍ରିଟ୍‌ର ପରିକଳ୍ପନା କରିଥିଲେ। ପଡ଼ୋଶୀ ପଶ୍ଚିମବଙ୍ଗ, ଛତିଶଗଡ଼, ଆନ୍ଧ୍ରପ୍ରଦେଶ ଓ ଝାଡ଼ଖଣ୍ଡ ଭଳି କେତୋଟି ରାଜ୍ୟକୁ ବାଦ୍ ଦେଲେ ଆଉ କେହି ସରକାରଙ୍କ ଏହି ଇକୋ ରିଟ୍ରିଟ୍ ସମ୍ପର୍କରେ ଜାଣିନାହାନ୍ତି। ଏ ସମ୍ପର୍କରେ ପର୍ଯ୍ୟଟନ ଅଧିକାରୀ ତାଲିନା ପ୍ରଧାନୀଙ୍କୁ ପଚାରିବାରୁ ସେ କହିଲେ, ଇକୋ ରିଟ୍ରିଟ୍ ଶତ ପ୍ରତିଶତ ସଫଳତା ପାଇଛି। ଜାତୀୟ ସ୍ତରରେ ଆମ ପଡ଼ୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗରୁ ପର୍ଯ୍ୟଟକଙ୍କ ସଂଖ୍ୟା ଅଧିକ ରହିଛି। ଅନ୍ତର୍ଜାତୀୟ ସ୍ତରରେ କୌଣସି ପର୍ଯ୍ୟଟକ ଆସି ନ ଥିବା ସେ ସ୍ୱୀକାର କରିଥିଲେ।

**ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା**

ମାଲକାନଗିରି,(ଡି.ଏନ୍.ଏ.)- ମାଲକାନଗିରି ଜିଲା ସ୍ୱାଭିମାନ ଅଞ୍ଚଳ ପାପରମେଟଲା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସମଗ୍ର ଶିକ୍ଷା ପକ୍ଷରୁ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। କୁଡୁମୁଲୁଗୁମ୍ମାର ଏକ ଡାକ୍ତରି ଦଳ ବିଦ୍ୟାଳୟକୁ ଯାଇ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଯେଉଁ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ରହିଛି ସେମାନଙ୍କୁ ଔଷଧ ପ୍ରଦାନ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଚକ୍ଷୁ ଚିକିତ୍ସା ସହ କର୍ଣ୍ଣ ପରୀକ୍ଷା କରାଯାଇଥିଲା। ଯେଉଁ ଛାତ୍ରୀଛାତ୍ରଙ୍କ ଚକ୍ଷୁ ଓ କର୍ଣ୍ଣ ସମସ୍ୟା ରହିଛି ସେମାନଙ୍କୁ ଅଗାମୀ ଦିନରେ ଶ୍ରବଣଯନ୍ତ୍ର ଓ ଚଷମା ପ୍ରଦାନ କରାଯିବ ବୋଲି ଜଣାପଡିଛି।



## ସଂକ୍ଷେପରେ

### ଜଳିଗଲା ଥାନାରେ ଥିବା ବାଇକ୍, ଟ୍ରାକ୍ଟର



ଚନ୍ଦାହାଣ୍ଡି, ୨୨।୨(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ଥାନାରେ ୧୪ ଟି ବିଭିନ୍ନ କେସ୍‌ରେ ଜବତ କରି ରଖା ଯାଇଥିବା ବାଇକ ଓ ଟ୍ରାକ୍ଟରରେ ନିଆଁ ଲାଗି ପୋଡି ଯାଇଛି। ସେଠାରେ ଥିବା ଏକ ଅଟୋରେ ଅଳ୍ପ ନିଆଁ ଲାଗିଥିବା ନେଇ ଚନ୍ଦାହାଣ୍ଡି ଥାନାଧିକାରୀ ଉମେଶ ଚନ୍ଦ୍ର ନାୟକ କହିଛନ୍ତି। ଖବରପାଇ ଉମରକୋଟ ଏସ୍‌ଡିପିଓ ଶୁଭେନ୍ଦୁ ଶବର ଚନ୍ଦାହାଣ୍ଡି ଥାନାକୁ ଆସି ସ୍ଥିତି ଅନୁଧ୍ୟାନ କରିଛନ୍ତି। ପାଖ ଜମିରୁ ନିଆଁ ଲାଗି ଥାନା ପରିସରକୁ ମାଡି ଯାଇ ଗାଡି ଜଳିଯାଇଥିବା ପୋଲିସ କହିଛି। ଚନ୍ଦାହାଣ୍ଡି ଥାନା କେସ ନଂ ୨୭/୨୩ରେ ଏକ ମାମଲା ରୁଜୁ କରି ଘଟଣା ର ତଦନ୍ତ କରୁଥିବା ଥାନାଧିକାରୀ କହିଛନ୍ତି। ପାଖ ଜମି ମାଲିକଙ୍କୁ ପଚରା ଉଚରା କରାଯାଉଥିବା ଜଣାପଡ଼ିଛି। ସୂଚନାନୁଯାୟୀ, ଥାନା ନିକଟ ଜମିରେ ଥିବା ମହୁଲ ଫୁଲ ଗୋଟାଇବା ପାଇଁ ଜମି ମାଲିକମାନେ ମହୁଲ ଗଛ ପତ୍ରରେ ନିଆଁ ଲଗାଇ ଥିଲେ। ଏହି ନିଆଁ ନିକଟ ଜମି ଓ ପାଖରେ ଥିବା ଚନ୍ଦାହାଣ୍ଡି ଥାନାକୁ ବ୍ୟାପିଯାଇଥିଲା। ଦୀର୍ଘ ଦିନରୁ ଜବତ ହୋଇଥିବା ଗାଡ଼ିରେ କଳଙ୍କି ଲାଗି ରହିଥିବା ଯୋଗୁ ସେଥିରେ ଶୀଘ୍ର ନିଆଁ ଲାଗିଯାଇଥିଲା। ଗାଡ଼ିଗୁଡ଼ିକରେ ନିଆଁ ଲାଗିଥିବା ଦେଖି ପୋଲିସ କର୍ମଚାରୀମାନେ ତାହାକୁ ଆୟତ୍ତ କରିଥିଲେ। ସ୍ପଷ୍ଟ ଦିବାଲୋକରେ ନିଆଁ ଲାଗି ବାଇକ ପୋଡି ନଷ୍ଟ ହୋଇଥିବାବେଳେ ଥାନା କର୍ମଚାରୀଙ୍କ କିପରି ନଜର ପ୍ରଥମେ ପଡି ପାରି ନ ଥିଲା ଏବଂ ପାଖ ଜମିରେ ଲାଗିଥିବା ନିଆଁକୁ ଥାନାରେ ସେଣ୍ଟ୍ରିଦାୟିତ୍ୱରେ ଥିବା ପୋଲିସ କର୍ମଚାରୀ ଦେଖି କି ମଧ କାହିଁକି ବାରଣ କରି ନଥିଲେ ତାହାକୁ ନେଇ ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି।

### ରାସ୍ତାରେ ପଡ଼ିଛି ଗଛ ଗଣ୍ଡି, ବଢୁଛି ଦୁର୍ଘଟଣା ଆଶଙ୍କା



ନବରଙ୍ଗପୁର,୨୨।୨(ବି.ପ୍ର.)-ତାରାଗାଁ ଛକ ନିକଟରେ ବିପଦଜନକଭାବେ ଏକ ବିରାଟକାୟ ଗଛର ମୂଳ ଓ ଗଣ୍ଡି ପଡ଼ି ରହିଛି। ଗାଡି ମଟର ଯିବା ଆସିବା କରିବା ବିପରିତ ଦିଗକୁ ଜାଣିବା ଚାଳକଙ୍କ ପାଇଁ ସମସ୍ୟା ହେଉଛି। ଉକ୍ତ ଗଛ ଗଣ୍ଡିକୁ ହଟାଇବା ପାଇଁ ସ୍ଥାନୀୟ ଜନସାଧାରଣ ଦାବି କରୁଛନ୍ତି। ନବରଙ୍ଗପୁର ବ୍ଲକ ତାରାଗାଁ ଛକ ଦେଇ ୨୬ ନମ୍ବରଜାତୀୟ ରାଜପଥ ଯାଇଛି। ଏହି ଛକକୁ ଦୁଇଟି ଗ୍ରାମୀଣ ରାସ୍ତା ସଂଯୋଗ କରୁଛି। ଏହି ଛକ ସ୍ଥାନରେ ବିଭିନ୍ନ ଦେକାନ ବଜାର ସହ ତାରାଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ଏହି ଛକ ଜନଗହଳି ପୂର୍ଣ୍ଣ ହେବା ସହ ଜାତୀୟ ରାଜପଥରେ ଗାଡି ମଟର, ଭାରି ଯାନ ଓ ଯାତ୍ରୀବାହୀ ବସ ଆଦି ଦ୍ରୁତଗତିରେ ଯାଉଛି। ଗ୍ରାମୀଣ ରାସ୍ତା ସଂଯୋଗ ଥିବାରୁ ଏଠାରେ ଅନେକ ଦୁର୍ଘଟଣା ଘଟୁଛି। ବର୍ଷକ ମଧ୍ୟରେ ୯ଟି ଛୋଟ ବଡ ଦୁର୍ଘଟଣା ଏଠାରେ ଘଟିଲାଣି। ବ୍ରେକର ପାଇଁ କିଛି ମାର୍କ ନଥିବାବେଳେ ହମ୍ପ ଗୁଡିକ ତାଡି ଦିଆଗଲା। ବର୍ଷା ଦିନେ ଏକ ବିରାଟକାୟ ଗଛ ଉପୁଡ଼ି ପଡି ରାସ୍ତା ଅବରୋଧ ହୋଇଥିଲା। ସେହି ସମୟରେ ଡାଳ କାଟି ରାସ୍ତା ଖୋଲି ଦିଆଗଲା । କିନ୍ତୁ ଏହାର ମୂଳ ସହ ରହିଥିବା ଗଣ୍ଡି ଜାତୀୟ ରାଜପଥ କଡ଼ରେ ପଡ଼ି ରହିଛି। ଏହାଦ୍ୱାରା ଜାତୀୟ ରାଜପଥ ଓ ତାରାଗାଁ ଗ୍ରାମୀଣ ରାସ୍ତାରୁ ଗାଡି ମଟର ଓ ପଥିକ ଯିବା ଆସିବା ଦେଖା ଦେଉନାହିଁ। ଅନ୍ୟ ପଟେ ସନ୍ଧ୍ୟା ଓ ରାତି ବେଳେ ବିପଦ ବଢ଼ିଯାଉଛି। ଏଥିପ୍ରତି ପ୍ରଶାସନ ଓ ଜାତୀୟ ରାଜପଥ ବିଭାଗ ଦୃଷ୍ଟି ଦିଅନ୍ତୁ ବୋଲି ଦାବି କରିଛନ୍ତି।

# ତଦନ୍ତ କରିବାକୁ ଡିଇଓ, ଜିଲାପାଳଙ୍କୁ ଦାବି କଲେ ଗ୍ରାମବାସୀ

**ନିଲମ୍ବନ ପରେ ସ୍କୁଲରୁ ହଣ୍ଡା, ଡେକ୍‌ଚି ଶିକ୍ଷକ ନେଇଯିବା ଘଟଣା**

ନବରଙ୍ଗପୁର,୨୨।୨(ବି.ପ୍ର.)



ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ।

ବିଭିନ୍ନ ଅନିୟମିତତାରେ ସମ୍ପୃକ୍ତ ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ ତାରଗାଁ ପଞ୍ଚାୟତ ଅଧୀନ କଟାଗାସ୍ଥିତ ବ୍ଲକ ଗ୍ରାଣ୍ଟ ବୀର ଚାଉଁରିଆ ହାଇସ୍କୁଲ ତତ୍କାଳୀନ ପ୍ରଧାନଶିକ୍ଷକ ସୃଷ୍ଟିଧର ନାୟକଙ୍କୁ ନିଲମ୍ବନ କରାଯିବା ପରେ ସେ ସ୍କୁଲରୁ ହଣ୍ଡା, ଡେକ୍‌ଚି ନେଇଯିବା ଘଟଣାର ତଦନ୍ତ ଦାବି କରିଛନ୍ତି ଗ୍ରାମବାସୀ। ସେମାନେ ଛାତ୍ରୀଛାତ୍ରଙ୍କ ଦସ୍ତଖତ ସମ୍ବଳିତ ଏକ ଲିଖିତ ଅଭିଯୋଗ ପତ୍ର ଡିଇଓ ଏବଂ ଜିଲାପାଳଙ୍କୁ ବୁଧବାର ପ୍ରଦାନ କରିଛନ୍ତି। ଘଟଣାର ତଦନ୍ତ କରି ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନେ ଦାବି କରିଛନ୍ତି। ହଣ୍ଡା ଡେକ୍‌ଚି ଆଦି ନେଇଯିବା ଫଳରେ ଏବେ ହଷ୍ଟେଲରେ ୧୦୦ ଅନ୍ତେବାସୀ ଛାତ୍ରଙ୍କ ପାଇଁ ରୋଷେଇ କରିବା ବହୁ ସମସ୍ୟା ଦେଖା ଦେଇଛି ବୋଲି ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି।

ସୂଚନାନୁଯାୟୀ, ବୀର ଚାଉଁରିଆ ହାଇସ୍କୁଲରେ ୨୮୪ ଛାତ୍ରୀଛାତ୍ର ନବମ ଓ ଦଶମ ଶ୍ରେଣୀରେ ନାମ ଲେଖାଇ ଥିବାବେଳେ ୧୦୦ ଜଣ ଛାତ୍ର ହଷ୍ଟଲରେ ରହୁଛନ୍ତି। ୯୦ ଜଣ ଅନୁସୂଚିତ ଜନଜାତି ଓ ୧୦ ଜଣ ଅନୁସୂଚିତ ଜାତି ବର୍ଗର ଛାତ୍ର ହଷ୍ଟେଲରେ ରହି ପାଠ ପଢୁଛନ୍ତି। ସରକାର ମାଗଣାରେ ବହି ଯୋଗାଉଥିବାବେଳେ ସ୍କୁଲର ତତ୍କାଳୀନ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୃଷ୍ଟିଧର ବହି ପାଇଁ କିନ୍ତୁ ପିଲାଙ୍କଠାରୁ ଟଙ୍କା ଆଦାୟ କରିଥିଲେ। କୋଭିଡ ସମୟରେ ସରକାର ମାଟ୍ରିକ ଛାତ୍ରୀଛାତ୍ରଙ୍କ ଫର୍ମ ଫିଲପ ଫି ଛାଡ କରିଥିବାବେଳେ ସେ ୫ ଶହ ଟଙ୍କା ଲେଖାଏଁ ଆଦାୟ କରିଥିଲେ। କୋଭିଡ ସମୟରେ ଛାତ୍ରୀଛାତ୍ରଙ୍କୁ ସରକାର ପ୍ରଦାନ କରିଥିବା ୨୨୫୦ ଟଙ୍କା ଲେଖାଏ ନ ଦେଇ ୭ ଜଣଙ୍କ ଦସ୍ତଖତ କରି ସେ ଟଙ୍କା ଉଠାଇ ନେଇ ଯାଇଥିବା ନେଇ ମଧ ଅଭିଯୋଗ ରହିଛି। ଏନେଇ ଛାତ୍ରୀଛାତ୍ର ଅଭିଯୋଗ କରିବାପରେ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ୨୦୨୧ ଫେବୃୟାରୀ ୧୯ରେ ଡିଇଓଙ୍କ ଚିଠି ନମ୍ବର ୧୪୬୫ରେ ତାଙ୍କୁ ନିଲମ୍ବନ କରାଯାଇ ବି.ଏମ. ସେମଳାଗାଁର ବ୍ଲକ ଗ୍ରାଂଟ ଜେ.ଏମ. ହାଇସ୍କୁଲରେ ଅବସ୍ଥାପିତ କରାଯାଇଥିଲା। ନିଲମ୍ବନ ପରେ ସୃଷ୍ଟିଧର ହଷ୍ଟେଲ ଛାତ୍ରୀଛାତ୍ରଙ୍କ ରୋଷେଇ ପାଇଁ ମଙ୍ଗଳ ବିଭାଗ ପକ୍ଷରୁ ଯୋଗାଇ ଦିଆଯାଇଥିବା ହଣ୍ଡା ଡେକଚି, ବାଲଟି, ଚଟୁ ଆଦି ରେଷେଇ ସମଗ୍ରୀ ନେଇ ଯାଇଥିଲେ। ଫଳରେ ଅନ୍ତେବାସୀଙ୍କ ପାଇଁ ରୋଷେଇରେ ବହୁ ସମସ୍ୟା ଦେଖା ଦେଉଛି। ପୂର୍ବରୁ ମଧ୍ୟାହ୍ନ ଭୋଜନ ପାଇଁ ରହିଥିବା ଛୋଟ ଛୋଟ ହାଣ୍ଡିରେ ରୋଷେଇ ହେଉଛି। ଏଥିସହ ସେ ଷ୍ଟକ ରେଜିଷ୍ଟର, ଆକୁଷ୍ଟାନ୍ସ ଆଦି ଦେଉ ନ ଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି। ସୃଷ୍ଟିଧରଙ୍କୁ ପଚାରିବାରୁ ସେ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଏନେଇ ଡିଇଓ ପ୍ରଦୀପ କୁମାର ନାଗଙ୍କୁ ପଚାରିବାରୁ ଅଭିଯୋଗର ତଦନ୍ତ ହେବ ବୋଲି ସେ କହିଛନ୍ତି।

# ‘ପେଟପାଟଣା ପାଇଁ ସର୍ବୋତ୍କୃଷ୍ଟ ମାର୍ଗ ଚୟନ କର’



ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଉଛନ୍ତି।

**ମଡେଲ ଡିଗ୍ରୀ କଲେଜରେ କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ**

ନବରଙ୍ଗପୁର,୨୨।୨(ବି.ପ୍ର.)

ନବରଙ୍ଗପୁର ଜିଲା ଟିର୍ଲି ଆମ୍ବାଗୁଡ଼ାରେ ଥିବା ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଓ ନେହେରୁ ଯୁବକେନ୍ଦ୍ରର ମିଳିତ ଆନୁକୂଲ୍ୟରେ କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଅଧ୍ୟକ୍ଷ ଡ. ଅରବିନ୍ଦ କୁମାର ଓଝାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଫେସର ବିଜୟ ମିଶ୍ର ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ। ଜୀବନରେ ବଞ୍ଚିବାକୁ ପେଟପାଟଣା ପାଇଁ ଥିବା ବିଭିନ୍ନ ମାର୍ଗରୁ ନିଜ ପାଇଁ ସର୍ବୋତ୍କୃଷ୍ଟ ମାର୍ଗ ଚୟନ କରିବାକୁ ସେ ଆହ୍ୱାନ ଦେଇଥିଲେ। ସମ୍ମାନିତ ବକ୍ତାଭାବେ ନେହେରୁ ଯୁବକେନ୍ଦ୍ର ଅଫିସର ବି. ରମେଶ ଛାତ୍ରୀଛାତ୍ରଙ୍କୁ କ୍ୟାରିୟର ବିଷୟରେ ସଚେତନ ହେବା ପାଇଁ କହିଥିଲେ। ଅନ୍ୟତମ ବକ୍ତାଭାବେ ଜିଲା ପ୍ରୋଜେକ୍ଟ ଅଫିସର ହିମାଂଶୁ ପଟ୍ଟନାୟକ ପିଲାମାନଙ୍କୁ ନିଜ ଜୀବନର ଅନୁଭୂତି ସମ୍ପର୍କରେ ଆଲୋଚନାକରି ନିଜ ଲୁକ୍କାୟିତ ପ୍ରତିଭାକୁ ଚିହ୍ନିବାକୁ ଆହ୍ୱାନ କରିଥିଲେ। ବିଶିଷ୍ଟ ବକ୍ତାଭାବେ ଆଇନଜୀବୀ ସିରାଜୁଦ୍ଦିନ ଅହମ୍ମଦ ଛାତ୍ରୀଛାତ୍ରଙ୍କୁ ଆଇନ ଶିକ୍ଷାରେ କ'ଣ ଭବିଷ୍ୟତ ରହିଛି, ସେ ବିଷୟରେ ପୁଙ୍ଖାନୁପୁଙ୍ଖଭାବେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଜି.ଭି. ଭି. ରଞ୍ଜିତା, ସୁଲୋଚନା ନାୟକ, ପଲ୍ଲବୀ ସାହୁ, ଶ୍ରବଣ ପୂଜାରୀ, ବିକ୍ରମ ଭକ୍ତ ପ୍ରମୁଖ ଅଧ୍ୟାପିକା ଅଧ୍ୟାପକ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜାତୀୟ ସେବା ଯୋଜନା ଅଧିକାରୀ ସହକାରୀ ପ୍ରଫେସର ରାଜୀବ ଜାଲ ଧନ୍ୟବାଦ ଦେଇଥିଲେ।

# ମାଡ଼ମାରି ନଦୀକୁ ଠେଲି ଦେଇଥିଲେ ସାଥୀ

- ନଦୀରୁ ବୃଦ୍ଧଙ୍କ ମୃତଦେହ ଜବତ ଘଟଣା
- ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ

ପାପଡ଼ାହାଣ୍ଡି,୨୨।୨(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ଥାନା ଅଧୀନ ଉର୍ଦ୍ଦି ପଟାଯୋଡି ନଦୀରୁ ଗତ ୯ ତାରିଖରେ ବୃଦ୍ଧ କମଲୁ ହରିଜନଙ୍କ ମୃତଦେହ ମିଳିବା ଘଟଣାରେ ପୋଲିସ ତାଙ୍କ ସାଥୀ ଭଗତ ହରିଜନଙ୍କୁ ଗିରଫ କରିଛି। ମୃତଦେହ ମିଳିବାର ୨ ଦିନ ପୂର୍ବରୁ ସେ ନିଖୋଜ ଥିବାନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ଘଟଣାର ତଦନ୍ତ କରି ପୋଲିସ ଏହାର ପର୍ଦ୍ଦାଫାଶ କରିଛି। ଭଗତ କମଲୁଙ୍କୁ ମାଡ଼ ମାରି ନଦୀକୁ ଠେଲି ଦେଇଥିବା ପୋଲିସ ଜାଣିବାକୁ ପାଇବା ପରେ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ସୂଚନାନୁଯାୟୀ, କମଲୁ ଭଗତୁ ଓଅନ୍ୟ ଜଣଙ୍କ ସହ ମିଶି ତଣ୍ଡା ଗ୍ରାମକୁ ଗାଈ ବିକ୍ରି କରିବାକୁ ଯାଇଥିଲେ। ହେଲେ ଫେରିବା ସମୟରେ ଦୁଇ ଜଣ ଫେରିଥିବା ବେଳେ କମଲୁ ଫେରି ନ ଥିଲେ। ପରିବାର ଲୋକ କମଲୁଙ୍କ ସାଙ୍ଗାରେ ଯାଇଥିବା ଭଗତୁ ଓ ଅନ୍ୟ ଲୋକଙ୍କୁ ପଚାରିବାରୁ ସେ କୁଆଡେ ହଜି ଯାଇଥିବା କହିଥିଲେ। ଫେବୃଆରୀ ୮ରେ ଚାରିଆଡେ ଖୋଜା ଖୋଜି କରି ନ ପାଇବାରୁ ପାପଡାହାଣ୍ଡି ଥାନାରେ ଏ ନେଇ କମଲୁଙ୍କ ପରିବାର ଲୋକେ ନିଖୋଜ ଅଭିଯୋଗ କରିଥିଲେ। ପୋଲିସ ୧/୨୩ରେ ମାମଲା ରୁଜୁ କରି କମଲୁଙ୍କୁ ଖୋଜାଖୋଜି କରିଥିଲା। ନଦୀ ନିକଟରୁ କମଲୁଙ୍କ ଚପଲ ଓ ଅନ୍ୟ କେତେକ ସାମଗ୍ରୀ ଦେଖି ପୋଲିସ ଭିତରେ ଖୋଜାଖୋଜି କରିଥିଲା। ପରେ ନଦୀରୁ କମଲୁଙ୍କ ମୃତଦେହ ମିଳିଥିଲା। କମଲୁଙ୍କୁ ହତ୍ୟା କରାଯାଇଥିବା ନେଇ ତାଙ୍କ ପୁଅ ବୈଦ୍ୟନାଥ ଅଭିଯୋଗ କରିଥିଲେ। ପାପଡାହାଣ୍ଡି ପୋଲିସ ୩/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା। ଗାଈ ବିକ୍ରୀ କରି ଫେରିବାବେଳକୁ ଫେରିବା ସମୟରେ କମଲୁ ଓ ଭଗତଙ୍କ ମଧ୍ୟରେ କୌଣସି କଥାକୁ ନେଇ ବଚସା ହୋଇଥିଲା। ଭଗତ କମଲୁଙ୍କୁ ମାଡ଼ ମାରି ନାଳରେ ଠେଲି ଦେଇ ଚାଲି ଯାଇଥିଲେ। ଫଳରେ କମଲୁଙ୍କ ମୃତ୍ୟୁ ହୋଇଛି ବୋଲି ପୋଲିସ କହିଛି। ପୋଲିସ କେସ ନମ୍ବର ୨୭/୨୩ରେ ହତ୍ୟା ମାମଲା ରୁଜୁ କରି ବୁଧବାର ଭଗତଙ୍କୁ କୋର୍ଟ ଚାଲାଣ କରିଛି।

## ତେନ୍ତୁଲିଖୁଣ୍ଟିରେ କୃଷିରଥ ଶୁଭାରମ୍ଭ

ତେନ୍ତୁଲିଖୁଣ୍ଟି, ୨୨।୨(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକରେ କୃଷିଭିତ୍ତିକ ପ୍ରସାର ପାଇଁ କୃଷିରଥ ବାହାର କରାଯାଇଛି। ଏହାକୁ ଜିଲାପାଳ ଡ. କମଲଲୋଚନ ମିଶ୍ର ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି ରଥ ବ୍ଲକର ୧୫ ପଞ୍ଚାୟତର ସମସ୍ତ ଗ୍ରାମ ପରିକ୍ରମା କରିବ। କୃଷି ଓ କୃଷକଙ୍କ ବିକାଶ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର କରିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ପ୍ରଚାର ପ୍ରସାର କରିବ। ଇ-ରୋଗ ପୋକ ପରିଚାଳନା, ମୃତ୍ତିକା ପରୀକ୍ଷଣ ଓ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ, ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା, ଗୋ-ସୁଗମ ଯୋଜନା ସମେତ ଏମ୍‌କେ ଭିୱାଇ ଯୋଜନାରେ କୃଷି ଉଦ୍ୟୋଗ ସ୍ଥାପନ ସମ୍ପର୍କରେ ପ୍ରଚାର କରିବ। କୃଷିରଥ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଜିଲାପାଳଙ୍କ ସମେତ ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅନ୍ୟା ଦାସ, ବିଡିଓ ଦୁର୍ଯ୍ୟୋଧନ ଭୋଇ, ବ୍ଲକ କୃଷି ଅଧିକାରୀ ବରୁଣ ଧନପଲ, ସହକାରୀ କୃଷି ଅଧିକାରୀ ମାନସ ରଞ୍ଜନ ନାୟକ, ବ୍ଲକ ଅଧ୍ୟକ୍ଷା ନୀଳେନ୍ଦ୍ରି ନାୟକ, ଉପାଧ୍ୟକ୍ଷ ରାଜେନ୍ଦ୍ର ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ।

# ଡିଏଲ୍‌ଏସ୍‌ର ସଚେତନତା ଶିବିର




ବୈଠକରେ ମଞ୍ଚାସୀନ ଅତିଥିମାନେ।

ନବରଙ୍ଗପୁର, ୨୨।୨( ବି.ପ୍ର.)

ନବରଙ୍ଗପୁର ଜିଲା ଆଇନ ସେବା ପ୍ରାଧିକରଣ(ଡିଏଲ୍‌ଏସ୍) ପକ୍ଷରୁ ଜିଲା କୋର୍ଟ ପରିସରରେ ଆଇନଜୀବୀ, ପାରା ଲିଗାଲ ସଦସ୍ୟ ଏବଂ ପୋଲିସ କର୍ମଚାରୀକୁ ନେଇ ଆଇନ ସଚେତନତା ଶିବିର କରାଯାଇଛ। କାର୍ଯ୍ୟକ୍ରମରେ ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଦୌରାଜଜ୍ ସଞ୍ଜୀବ ଦୁବେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସଡ଼କ ସୁରକ୍ଷା ଉପରେ ରହିଥିବା ବିଭିନ୍ନ ଆଇନ ବିଷୟରେ ସେ ସଚେତନ କରିଥିଲେ। ଅତିରିକ୍ତ ଜିଲା ଜଜ୍ ଶିବପ୍ରସାଦ ମିଶ୍ର, ଆଇନଜୀବୀ ସଂଘର ସଭାପତି ନରସିଂହନାଥ ତ୍ରିପାଠୀ, ଆଇନଜୀବୀ ସନତ ମିଶ୍ର ବିଭିନ୍ନ ଆଇନ ବିଷୟରେ ସଚେତନ କରିଥିଲେ। ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲା ଜର୍ଜ(ଆଡ୍‌ହକ୍) ନିରଞ୍ଜନ ସାହୁ, ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରୀ ସୁଦାମ ଚରଣ ଦାଶ, ଡିଏଲ୍‌ଏସ୍ ସଚିବ ଜନକ ରାଉତ, ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିକାରୀ ରାଜଶ୍ରୀ ଅରୟବାଲା ତ୍ରିପାଠୀ, ଜିଲା ଆଇନଜୀବୀ ସଂଘର ସମ୍ପାଦକ ରାମପ୍ରସାଦ ପାତ୍ରଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ । ଜନକ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ‘ବାଳିକାମାନେ ଗ୍ରାମାଞ୍ଚଳର ଆଲୋକବର୍ତ୍ତିକା’

ଉମରକୋଟ, ୨୨।୨(ସ୍ୱ.ପ୍ର.)



କାର୍ଯ୍ୟକ୍ରମରେ ଅତିଥି ଓ ଉପସ୍ଥିତ ବାଳିକାମାନେ।

ମହିଳାଙ୍କ ଉନ୍ନତି ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସମସ୍ତେ ଅନେକ ଯୋଜନା କରୁଚନ୍ତି। ହେଲେ ସଚେତନତା ଅଭାବରୁ ମହିଳାମାନେ ଏହାର ସୁଫଳ ପାଇ ପାରୁ ନାହାନ୍ତି। ତେଣୁ ଅର୍ଦ୍ଧ ଶିକ୍ଷିତ, ଅଧାରୁ ପାଠ ଛାଡିଥିବା ବାଳିକାଙ୍କ ମାର୍ଗ ଦର୍ଶନ ପାଇଁ ଜିଲା କର୍ମ ନିୟୋଜନ ସଂସ୍ଥା ଏବଂ ବୈଷୟିକ ସଂସ୍ଥା ଆନୁକୁଲ୍ୟରେ ଏକ ଗୋଷ୍ଠୀସ୍ତରୀୟ ପରାମର୍ଶ ଶିବିର ଉମରକୋଟ ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉମରକୋଟ ବୈଷୟିକ ଅନୁଷ୍ଠାନ ଛାତ୍ରୀଙ୍କ ସହ ବିଭିନ୍ନ ସ୍ଥାନରୁ ବାଳିକାମାନେ ଯୋଗ ଦେଇଥିଲେ। ବାଳିକାମାନେ କିଭଳି ଆତ୍ମନିର୍ଭରଶୀଳ ହୋଇ ନିଜେ ରୋଜଗାରକ୍ଷମ ହୋଇପାରିବେ ଏବଂ ସମାଜକୁ ସକ୍ଷମ ବାର୍ତ୍ତା ଦେଇ ପାରିବେ ସେନେଇ ଅତିଥିମାନେ ଅନେକ ପରାମର୍ଶ ଦେଇଥିଲେ। ଏଥିପାଇଁ ବୈଷୟିକ ଶିକ୍ଷା ହିଁ ସର୍ବୋତ୍ତମ ବୋଲି ସମସ୍ତେ ମତବ୍ୟକ୍ତ କରିଥିଲେ। ବାଳିକାମାନେ ବାଲ୍ୟ ବିବାହକୁ ମନା କରିବା ସହ ଗ୍ରାମାଞ୍ଚଳରେ ଆଲୋକବର୍ତ୍ତିକା ଭାବେ କାର୍ଯ୍ୟ କରି ପାରିବେ ବୋଲି ମହିଳା ଓ ଶିଶୁ ବିକାଶ ଅଧିକାରୀ ସଂଯୁକ୍ତା ବେହେରା ପରାମର୍ଶ ଦେଇଥିଲେ। ବାଳିକାମାନେ ଶିକ୍ଷିତ ହେଲେ ସରକାରଙ୍କ ବିଭିନ୍ନ ଯୋଜନାର ସୁଫଳ ନିଜେ ପାଇବା ସହ ଅନ୍ୟ ମହିଳାଙ୍କୁ ଏହାର ଲାଭ ଉଠାଇବା ସମ୍ପର୍କରେ ବୁଝାଇପାରିବେ ଉମରକୋଟ ବ୍ଲକ ଅଧ୍ୟକ୍ଷା କହିଛନ୍ତି। ଜଣେ ସରକାରୀ ଅଧିକାରୀଙ୍କ ଅପେକ୍ଷା ଗ୍ରାମାଞ୍ଚଳର ଜଣେ ଶିକ୍ଷିତ ଝିଅ ନିଜ ଗ୍ରାମର ଲୋକଙ୍କୁ ଭଲ ଭାବେ ସଚେତନ କରି ପାରିବ ବୋଲି ବିଡିଓ ଡଃ. ହିମାଞ୍ଚଳ ମାଝି କହିଥିଲେ। ଜଣେ ମହିଳା ସକ୍ଷମ ହେଲେ ନିଜ ପରିବାରକୁ ସଜାଡ଼ିବା ସହ ସମାଜକୁ ମଧ ସଜାଡି ପାରିବ ବୋଲି ଭୁବନେଶ୍ୱରରୁ ଆସିଥିବା ଡେପୁଟି ଡାଇରେକ୍ଟର ସୁଯୋଗ୍ୟ ମିଶ୍ର ମତ ଦେଇଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଜିଲା କର୍ମ ନିୟୋଜନ ଅଧିକାରୀ ଅନନ୍ତ ପଲେଇ, ଉମରକୋଟ, ରାଇଘର ଏବଂ ଚନ୍ଦାହାଣ୍ଡି ଆଇଟିଆଇ କଲେଜ ପ୍ରିନ୍ସିପାଲଙ୍କ ସହ ବ୍ଲକର ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟ କରୁଥିବା ସିଆରପିମାନେ ଯୋଗ ଦେଇଥିଲେ।

# ବଜାରରେ ମିଳୁଛି ଶାଳ ଦାନ୍ତକାଠି, ଏବେବି ରହିଛି ଚାହିଦା

ଧୋଡ୍ରା, ୨୨।୨(ଡି.ଏନ୍.ଏ.)



ନବରଙ୍ଗପୁର ଜିଲା ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। ଏଠାକାର ଲୋକେ ମୁଖ୍ୟତଃ ଜଙ୍ଗଲଜାତ ଦ୍ରବ୍ୟ ଉପରେ ନିର୍ଭର କରନ୍ତି। ସେମାନେ ଜଙ୍ଗଲଜାତ ଦ୍ରବ୍ୟ ସବୁ ସଂଗ୍ରହକରି ସେଗୁଡ଼ିକୁ ବିକ୍ରିକରି ପରିବାର ଚଳାନ୍ତି। ଏବେ ଧୋଡ୍ରା ବଜାରରେ ମିଳୁଛି ଶାଳ ଦାନ୍ତକାଠି। ଏହାର ଏବେବି ବେଶ୍ ଚାହିଦା ରହିଛି। ଲୋକେ ଉକ୍ତ ଦାନ୍ତକାଠିକୁ କିଣି ନେଉଛନ୍ତି।

ଜଙ୍ଗଲରେ ଶାଳ ଗଛ ଭରପୂର। ଜଙ୍ଗଲରୁ ଋତୁ ଅନୁଯାୟୀ ଶାଳ ଗଛରୁ ମଞ୍ଜି, ପତ୍ର, ଶାଳ ଝୁଣା, ଶାଳ ଦାନ୍ତକାଠି ଏବଂ ବଡ଼ା ଛତୁକୁ ବଜାରରେ ବିକି ବେଶ୍ ଦୁଇପଇସା ରୋଜଗାର କରିଥାନ୍ତି ଆଦିବାସୀ ଲୋକେ। ଶାଳ ଗଛରୁ ଝୁଣା, ଶାଳମଞ୍ଜି, ଶାଳପତ୍ର ଖଲି, ଶାଳ ଗଛରୁ ବଡ଼ାଛତୁ ଆଦି ସଂଗ୍ରହ କରାଯାଏ। ଏହା ବ୍ୟତୀତ ଶାଳଗଛ ଶାଖାରୁ ଛୋଟ ଛୋଟ ବାହାରି ଥିବା ଡାଳକୁ ଦାନ୍ତ କାଠିଭାବେ ବ୍ୟବହାର କରାଯାଏ। ନବରଙ୍ଗପୁର ଜିଲାରେ ଏହି ଶାଳ ଦାନ୍ତକାଠି ବ୍ୟବହାର ପ୍ରାୟତଃ ସମସ୍ତ ବର୍ଗର ଲୋକ କରିଥାନ୍ତି। ଏହି ଅଞ୍ଚଳରେ ଆଦିବାସୀଙ୍କ ଜୀବିକା ଯୋଗାଇବାରେ ସାହାଯ୍ୟ କରୁଛି ଏହି ଶାଳ ଦାନ୍ତକାଠି। ଏହାର ବେଶ୍ ଚାହିଦା ରହିଛି। ଆଦିବାସୀମାନେ ଗୋଟିଏ ଦିନ ପୂର୍ବରୁ ଜଙ୍ଗଲକୁ ଯାଇ ଶାଳ ଗଛରୁ ବାହାରୁ ଥିବା ଛୋଟ ଛୋଟ ଡାଳଗୁଡିକୁ ଭାଙ୍ଗି ତାକୁ ଏକାଠି କରିବା ସହ ଛୋଟ ଛୋଟ ବିଡ଼ା ବାନ୍ଧିଥାନ୍ତି। ପରଦିନ ସକାଳୁ ତାହାକୁ ବଜାରରେ ବିକ୍ରି କରାଯାଏ। ଶାଳ ଦାନ୍ତ କାଠିରେ ଔଷଧୀୟ ଗୁଣ ରହିଛି। ଏଥିରେ ଦାନ୍ତ ଘଷିଲେ ମୁଖ ଦୁର୍ଗନ୍ଧ ଦୂରହେବା ସହ ଦାନ୍ତ ଶକ୍ତ ଏବଂ ଉଜ୍ଜ୍ୱଳ ରହୁଛି ବୋଲି ଗ୍ରାହକମାନେ କହିଛନ୍ତି। ଶାଳ ଦାନ୍ତକାଠି ବିଡ଼ାକୁ ୨୦ ଟଙ୍କାରେ ବିକ୍ରି କରାଯାଉଛି।

# ରାତ୍ରିକାଳୀନ କ୍ରିକେଟ ମ୍ୟାଚ ଅନୁଷ୍ଠିତ

ଉମରକୋଟ, ୨୨।୨(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଉମରକୋଟ ପୌର ପରିଷଦ ୱାର୍ଡ ନମ୍ବର ୯ ତଥା ସନ୍ତୋଷୀ ନଗରରେ ଥିବା ମାଁ ସନ୍ତୋଷୀ ମନ୍ଦିର ପ୍ରାଙ୍ଗଣରେ ରାତ୍ରିକାଳୀନ ଏକ କ୍ରିକେଟ ଅଭ୍ୟାସ ମ୍ୟାଚ ଆରମ୍ଭ କରାଯାଇଛି। ରାଜ୍ୟ ଉଠା ଜଳସେଚନ ନିଗମ ଉପଦେଷ୍ଟା ପ୍ରମୋଦ ପାଢ଼ୀ ମୁଖ୍ୟ ଅତିଥି, ସାମାଜିକ କର୍ମୀ ବୁଜି ରାଓ, ସଲିମ ରାଠୋଡ଼, ବାବୁ ଦଳେଇ, ନାସିର, ୱାର୍ଡ ନଂ. ୯ କାଉନସିଲର ଇତିଶ୍ରୀ ଦଳେଇ, ପୌର ପରିଷଦ ଉପାଧ୍ୟକ୍ଷ ସୁଧାଂଶୁ ଦାସ, ଝରିଗାଁ ବିଧାୟକ ପ୍ରତିନିଧି ସଞ୍ଜୟ ଗୁପ୍ତା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଯୁବଗୋଷ୍ଠୀଙ୍କୁ କ୍ରୀଡ଼ା ପ୍ରତି ଆକୃଷ୍ଟ କରିବାକୁ ସହରରେ ପ୍ରଥମ ଥର ପାଇଁ ଏଭଳି ପ୍ରୟାସ କରାଯାଇଛି। ଲଳିତ ସେଠୀଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଯୁବକମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଅତିଥିମାନେ ମ୍ୟାଚ ଉଦ୍‌ଘାଟନ କରୁଛନ୍ତି।

# ମାଲବନ୍ଧ ଗ୍ରାମବାସୀଙ୍କ ଶୋଷ ମେଣ୍ଟାଉଛି ଝରଣା ପାଣି

ତେନ୍ତୁଲିଖୁଣ୍ଟି, ୨୨।୨(ଡି.ଏନ୍.ଏ.)

- ଦୂଷିତ ପାଣି ପିଇ ବ୍ୟାପୁଛି ଝାଡ଼ାବାନ୍ତି
- ଖରାଦିନେ ଦେଖାଦିଏ ଜଳକଷ୍ଟ
- ଗାଁରେ ନଳକୂପ ଖନନ ଦାବି

ତେନ୍ତୁଲିଖୁଣ୍ଟି ବ୍ଲକ ସଦର ପଞ୍ଚାୟତର ଡଙ୍ଗାସିଲ ରାଜସ୍ୱ ଗ୍ରାମର ମାଲବନ୍ଧ ଗ୍ରାମବାସୀ ପାଣି ପାଇଁ ଦୁର୍ଦ୍ଦଶା ଭୋଗୁଛନ୍ତି। ଗ୍ରାମଠାରୁ ଅଧା କି.ମି. ଦୂରରେ ରହୁଥିବା ପର୍ବତ ତଳର ଝରୁଥିବା ପାଣିକୁ ବ୍ୟବହାର କରି ନିଜର ଜୀବନ ନିର୍ବାହ କରୁଛନ୍ତି। ସ୍ୱାଧୀନତାର ଅମୃତ ମହୋତ୍ସବରେ ନୂଆ ନୂଆ ସ୍ୱପ୍ନ ସଜା ଯାଉଥିବାବେଳେ ଏହି ଗାଁ ଲାଗି ସରକାର ନଳକୂପ ଟାଏ କରିପାରିଲେ ନାହିଁ। ବଡ ବଡ ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ଏଠାରେ ପଡ଼ି ପାରୁନାହିଁ। ସେହିଭଳି ନିର୍ବାଚନ ପରେ ନିର୍ବାଚନ ଆସୁଛି। ମାତ୍ର ନିର୍ବାଚନ ପାର ହୋଇଗଲେ ନେତା ଓ ଜନ ପ୍ରତିନିଧି ଏହି ଗାଁର ଦୁଃଖ କଥା ଭୁଲି ଯାଉଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେହିଭଳି ଝରଣା ପାଣି କେତେବେଳେ ଗୋଳିଆ ତ କେତେବେଳେ ଗନ୍ଧଯୁକ୍ତ ଆସୁଛି। ତଥାପି ବାଧ ହୋଇ ତାହାକୁ ବ୍ୟବହାର କରିଛୁ ବୋଲି ଗ୍ରାମବାସୀ କହିଛନ୍ତି। ପ୍ରତ୍ୟେକ ବର୍ଷ ଦୂଷିତ ପାଣି ବ୍ୟବହାର ଯୋଗୁ ଗ୍ରାମବାସୀ ଝାଡ଼ାବାନ୍ତି ସହ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ମେଡ଼ିକାଲରେ ଚିକିତ୍ସିତ ହେଉଛନ୍ତି। ଗ୍ରୀଷ୍ମ ଋତୁରେ ଜଳକଷ୍ଟ ବଢ଼ିଯିବ। ଖରାଦିନ ଝର ପାଣି ପାଇଁ ଘଣ୍ଟା ଘଣ୍ଟା ଅପେକ୍ଷା କଲା ପରେ ଗୋଟିଏ ହାଣ୍ଡି ପାଣି ମିଳିଥାଏ ବୋଲି ଗ୍ରାମର ହେଲେ କିଶୋର ନାୟକ, ସଦନ ଯାନୀ, ଯଦୁ ଯାନୀ, ଫୁଲମତି ଯାନୀ, ଜାମୁଲି ଯାନୀ, ମତି ଯାନୀ, ସୁଆତି ଯାନୀ, ରଇବାରି ଯାନୀ, ମୁକୁନ୍ଦ ଯାନୀ, ଉମୁ ଯାନୀ କହିଛନ୍ତି। ଅତିଶୀଘ୍ର ଏଠାରେ ନଳକୂପ ଗୋଟିଏ ଖୋଲିଦେବାକୁ ସେମାନେ ଦାବି କରିଛନ୍ତି।



ଗ୍ରାମର ଯୁବତୀ ଓ ମହିଳାମାନେ ଝରଣାରୁ ପାଣି ନେଇ ଯାଉଛନ୍ତି।

